# ଆଜିର ଆହ୍ୱାନ

**ଆମ ଘରର ହାଲଚାଲ**

**ସୌମ୍ୟରଂଜନ ପଟ୍ଟନାୟକ**

ରଥ ଉପରେ ଚଢ଼ି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ସ୍ପର୍ଶ କରିବା ପ୍ରସଙ୍ଗକୁ ନେଇ ଏବେ ମୁଣ୍ଡ ଟେକିଥିବା ବିବାଦ ଓଡ଼ିଆ ଜାତୀୟ ଜୀବନ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ଶ୍ରୀଜଗନ୍ନାଥ ଓ ତାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଏବେବି ଆମର ସର୍ବଶ୍ରେଷ୍ଠ ପରିଚୟ ହୋଇ ରହିଛି। ତାକୁ ନେଇ ଆମେ ଆମ ଭିତରେ ଯେଭଳି ବିବାଦ କରୁଛୁ ଏବଂ ଏହି ବିବାଦକୁ ସମାଧାନ କରିବା ପାଇଁ ବିଧିବ୍ୟବସ୍ଥାର ଯେପରି ଅବମାନନା କରୁଛୁ, ତାହା ଆଦୌ ସ୍ପୃହଣୀୟ ହେଉନାହିଁ। ଓଡ଼ିଶାର ଜନସାଧାରଣଙ୍କ ବିପୁଳ ସମର୍ଥନ ଲାଭ କରି ନିର୍ବାଚିତ ହୋଇଥିବା ନୂଆ ସରକାର ଓ ତାର ମନ୍ତ୍ରୀମାନେ ଯେଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି, ତାହା ମଧ୍ୟ ଆମକୁ ଚକିତ ଓ ବ୍ୟଥିତ କରୁଛି। ଅସଲ ପ୍ରସଙ୍ଗଠାରୁ ଦୂରେଇ ଯାଇ ଆମେ ଅଯଥା ବିତଣ୍ଡା ଯୁକ୍ତି କରୁଛେ। ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ଅଧିକ ଜଟିଳ କରୁଛେ। ମୂଳ କଥାଟି ହେଲା ଶ୍ରୀମନ୍ଦିର ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ବିଧିବ୍ୟବସ୍ଥା ଓ ପରମ୍ପରା ରହିଛି। ଏହା ଆଜିକାଲିର ନୁହେଁ; ଶହଶହ ବର୍ଷର। ଏହାକୁ ନେଇ କୌଣସି ବିବାଦ ଉପୁଜିଲେ ତାହାର ସମାଧାନ ପାଇଁ ବ୍ୟବସ୍ଥା ମଧ୍ୟ ଅଛି। ୧୯୬୦ ମସିହା ପୂର୍ବରୁ ଶ୍ରୀମନ୍ଦିରର ପରିଚାଳନା। ଗଜପତିଙ୍କ ନେତୃତ୍ୱରେ ପରିଚାଳନା କମିଟି ଦ୍ୱାରା ହେଉଥିଲା। ଧର୍ମ ଓ ଶାସ୍ତ୍ର ସମ୍ପର୍କରେ କିଛି ସନ୍ଦେହ ହେଲେ କିମ୍ବା ବିବାଦ ଉପୁଜିଲେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟଙ୍କର ମତ ନିଆଯାଉଥିଲା। ଶଙ୍କରାଚାର୍ଯ୍ୟଙ୍କର ମତ ଚୂଡ଼ାନ୍ତ ଓ ସର୍ବମାନ୍ୟ ଥିଲା। ୧୯୬୦ ମସିହା ପରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନାରେ ପ୍ରତ୍ୟକ୍ଷ ଭାବରେ ହସ୍ତକ୍ଷେପ କଲେ ଏବଂ ଦାୟିତ୍ୱ ନେଲେ। କିନ୍ତୁ ଏହାଦ୍ୱାରା ପରିଚାଳନା କମିଟି ଓ ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ଥିବା ସମ୍ପର୍କରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏବେବି କୌଣସି ଧର୍ମୀୟ ଓ ଶାସ୍ତ୍ରୀୟ ପ୍ରସଙ୍ଗରେ ସନ୍ଦେହ ବା ବିବାଦ ଉପୁଜିଲେ ଶଙ୍କରାଚାର୍ଯ୍ୟଙ୍କ ମତ ନିଆଯାଏ। ଥରେ ଶଙ୍କରାଚାର୍ଯ୍ୟ ମତ ଦେଲା ପରେ ତାକୁ ନେଇ ପୁଣି ବିବାଦ କରିବା ଆଦୌ ଉଚିତ ନୁହେଁ। ତା'ହେଲେ କୌଣସି ବ୍ୟବସ୍ଥା ତିଷ୍ଠି ରହିପାରିବ ନାହିଁ।

ଆମ ସମ୍ବିଧାନରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଯେପରି ସର୍ବମାନ୍ୟ, ଶ୍ରୀମନ୍ଦିର ପରିଚାଳନା ପାଇଁ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟ ସେହିପରି ଚୂଡ଼ାନ୍ତ ଓ ସର୍ବମାନ୍ୟ। ପୁଣି ଶ୍ରୀଜଗନ୍ନାଥଙ୍କ ନୀତି, ବ୍ୟବସ୍ଥା ଓ ରଥଯାତ୍ରାର ପରିଚାଳନା ହିନ୍ଦୁମାନଙ୍କର ଏକାନ୍ତ ଧର୍ମୀୟ ବ୍ୟାପାର। ଆମ ସମ୍ବିଧାନ ଧର୍ମନିରପେକ୍ଷତାରେ ବିଶ୍ୱାସ କରେ। ଧର୍ମୀୟ ବ୍ୟାପାରରେ ସରକାର ହସ୍ତକ୍ଷେପ କରିବା ଆଦୌ ଉଚିତ ନୁହେଁ। ଏ କ୍ଷେତ୍ରରେ ସରକାରଙ୍କର ଆଚରଣ ବିଛାମନ୍ତ୍ର ନ ଜାଣି ସାପଗାତରେ ହାତ ପୂରାଇଲା ପରି ହେଉଛି। ଶଙ୍କରାଚାର୍ଯ୍ୟଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ସରକାରଙ୍କର ଦାୟିତ୍ୱ। ଏ ନେଇ ଯେପରି ଆଇନ ଶୃଙ୍ଖଳା ପରିସ୍ଥିତି ନ ଉପୁଜେ କିମ୍ବା ଅନ୍ୟକିଛି ଅଘଟଣ ନ ଘଟେ, ସେଥିପାଇଁ ସରକାର ଯତ୍ନବାନ ହେବା ଉଚିତ।

ଶଙ୍କରାଚାର୍ଯ୍ୟଙ୍କର ନିଷ୍ପତ୍ତି ଏପରି କି ପରିସ୍ଥିତି ସୃଷ୍ଟି କରିବ ଯେ ସରକାର ଏଭଳି ଅବାଞ୍ଛିତ ହସ୍ତକ୍ଷେପ କରିବାକୁ ବାଧ୍ୟ ହେଉଛନ୍ତି? ଓଲଟା ଶଙ୍କରାଚାର୍ଯ୍ୟଙ୍କ ନିଷ୍ପତ୍ତିର ବିପରୀତ କାର୍ଯ୍ୟାନୁଷ୍ଠାନ ହେଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଅଧିକ। ଶାସ୍ତ୍ରର ତର୍ଜମା, ପଣ୍ଡିତମାନଙ୍କର ମତାମତ ଓ ସାଧାରଣ ଭକ୍ତଙ୍କର ଆବେଗ- ସବୁକିଛିକୁ ବିଚାର କରି ଶଙ୍କରାଚାର୍ଯ୍ୟ ଯେଉଁ ମତ ଦେଇଛନ୍ତି ତାହା ଭକ୍ତମାନଙ୍କ ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ଅଧିକ ଅନୁକୂଳ ହେବ। ଏହାସତ୍ତ୍ୱେ ସରକାର କାହିଁକି ଅଯଥାରେ ଏଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି, ବୁଝି ହେଉନାହିଁ।

ରଥ ଉପରେ ଚଢ଼ିବା ବାରଣ ହେଲେ କାହାର ଅସୁବିଧା ହେବ? ଦଇତାପତିମାନେ, ଯେଉଁମାନେ ଶଙ୍କରାଚାର୍ଯ୍ୟଙ୍କ ମତକୁ ବିରୋଧ କରୁଛନ୍ତି ସେମାନଙ୍କର କ'ଣ ଅସୁବିଧା ହେବ? ବରଂ ଜଗନ୍ନାଥଙ୍କର ସେବାକୁ ସେମାନେ ଅଧିକ ସ୍ୱଚ୍ଛନ୍ଦ ଓ ସୁନ୍ଦର ଭାବରେ ସମ୍ପାଦନ କରିପାରିବେ। ଦଇତାପତିମାନଙ୍କର ଏହି ମୌଳିକ ଓ କୌଳିକ ସେବାକୁ କେହି ଅସ୍ୱୀକାର କରୁନାହିଁ। ସେଥିପାଇଁ ସମସ୍ତ ଭକ୍ତମଣ୍ଡଳୀ ସେମାନଙ୍କ ନିକଟରେ ଚିରକୃତଜ୍ଞ। ସେମାନଙ୍କର ଏହି ସେବାର ପ୍ରତିଦାନରେ ଆମେ ଯେତେ ଯାହା କଲେ ବି ନିଅଣ୍ଟ ହେବ। ତେବେ ସବୁ ଅନର୍ଥର ମୂଳ ହେଲା ଅର୍ଥ। ଏହି ସେବା ପ୍ରଦାନବେଳେ ରଥକୁ ଚଢୁଥିବା ଭକ୍ତମାନେ ଦକ୍ଷିଣା ଭାବେ କିଛିକିଛି ଅର୍ଥରାଶି ସେମାନଙ୍କୁ ପ୍ରଦାନ କରିଥା'ନ୍ତି। ରଥ ଉପରକୁ ଭକ୍ତ ନ ଚଢ଼ିଲେ ଏଥିରୁ ଦଇତାପତିମାନେ ନିଶ୍ଚିତ ଭାବରେ ବଞ୍ଚିତ ହେବେ। ତେଣୁ ଆମର ସରକାରଙ୍କ ନିକଟରେ ପ୍ରସ୍ତାବ ହେଲା, ରଥଯାତ୍ରା ସମୟରେ ଦଇତାପତିମାନଙ୍କର ଏହି ବିଶେଷ ସେବା ପାଇଁ ସେମାନଙ୍କୁ ଯଥେଷ୍ଟ ସମ୍ମାନ ରାଶି ପ୍ରଦାନ କରିବାର ବ୍ୟବସ୍ଥା କରାଯାଉ।

ଶେଷରେ ଆଉ ଗୋଟିଏ କଥା ସାଧାରଣତଃ କୁହାଯାଉଛି ଯେ, ଆମ ଜଗନ୍ନାଥ ଅନ୍ୟ ଦେବଦେବୀଙ୍କଠାରୁ ଭିନ୍ନ। ସେ ସାଧାରଣ ମଣିଷର ଠାକୁର। ତାଙ୍କର ଦୈନନ୍ଦିନ ନୀତି ସାଧାରଣ ମଣିଷଟିଏ ପରି। ପୁଣି ସେ ଶତକଡ଼ା ଶହେ ଭକ୍ତଙ୍କର। ବର୍ଷରେ ଥରେ ରଥଯାତ୍ରା ସମୟରେ ସେ ବଡ଼ଦାଣ୍ଡକୁ ବିଜେ କଲାବେଳେ ଶଙ୍କରାଚାର୍ଯ୍ୟଙ୍କର ଏପ୍ରକାର ନିଷ୍ପତ୍ତି ତାଙ୍କୁ ଭକ୍ତମାନଙ୍କଠାରୁ ଦୂରେଇ ଦେଉଛି। ଏ ସମ୍ପର୍କରେ ଏତିକି କୁହାଯାଇପାରେ ଯେ, ବଡ଼ଦାଣ୍ଡର ଲକ୍ଷଲକ୍ଷ ଭକ୍ତ ଯଦି ଜଗନ୍ନାଥଙ୍କୁ ରଥ ଉପରେ ଚଢ଼ି ସ୍ପର୍ଶ କରିବାକୁ ଚାହିଁବେ, ତାହା ସମ୍ଭବ ହେବ କି? ନା ଯେଉଁମାନେ ବାହୁବଳ, ସରକାରୀ କଳ ଓ ଅର୍ଥବଳ ପ୍ରୟୋଗ କରିବେ, ସେହିମାନେ ହିଁ ଦର୍ଶନ ପାଇବେ? ରଥ ଉପରେ ଚଢ଼ି ସମସ୍ତେ ଦର୍ଶନ କରିବାକୁ ଉଦ୍ୟମ କଲେ ଯେଉଁ ଦଳାଚକଟା ଓ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ, ତାହା ସରକାର ସମ୍ଭାଳି ପାରିବେ ତ? ବରଂ ଶଙ୍କରାଚାର୍ଯ୍ୟଙ୍କର ନିଷ୍ପତ୍ତି ଏଭଳି ଅପ୍ରୀତିକର ପରିସ୍ଥିତି ନ ଘଟିବା ପାଇଁ ସାହାଯ୍ୟ କରିବ। ରଥରେ ଚଢ଼ି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଚାହୁଁଥିବା ଭକ୍ତମାନେ ଏହା ହୃଦୟଙ୍ଗମ କରିବେ ବୋଲି ଆମର ବିଶ୍ୱାସ।

ଭାରତ ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କର ରାଷ୍ଟ୍ର। ଅଗଣିତ ଦେବଦେବୀ ଓ ଧର୍ମାନୁଷ୍ଠାନ ଏ ଦେଶରେ ରହିଛି। ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ଧର୍ମାନୁଷ୍ଠାନ ଓ ରୀତିନୀତିର ବ୍ୟବସ୍ଥା ଦେଖିଲେ ଆମେ ଓଡ଼ିଆମାନେ ଅନେକ ସମୟରେ ଲଜ୍ଜିତ ହେଉ। ଏକପକ୍ଷରେ ଶ୍ରୀଜଗନ୍ନାଥଙ୍କୁ ଆମେ ଜଗତର ନାଥ ଓ ସର୍ବଶ୍ରେଷ୍ଠ ଦେବତା ଭାବରେ ଉପସ୍ଥାପିତ କରୁଥିବାବେଳେ ଅନ୍ୟପକ୍ଷରେ ସବୁଠାରୁ ବିଶୃଙ୍ଖଳ ବ୍ୟବସ୍ଥା ଓ ଅପ୍ରୀତିକର ବ୍ୟବହାରର ଶିକାର ଆମର ଭକ୍ତମାନଙ୍କୁ ହେବାକୁ ପଡ଼ିଥାଏ। ଏଥିରେ ପରିବର୍ତ୍ତନର ସମୟ ଏବେ ଆସିଛି। ଏହି ପରିବର୍ତ୍ତନର ଶୁଭାରମ୍ଭ ପାଇଁ ଏହାଠାରୁ ଭଲ ସୁଯୋଗ ଆଉ ମିଳିବ ନାହିଁ।